# NATIONAL NEWS BULLETIN (ODIA)

## 25th March' 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ଏବଂ ଏହାର ସମ୍ଭାବ୍ୟ ପ୍ରଭାବର ମୁକାବିଲା ନେଇ ୭ଟି ସଶକ୍ତ ଗୋଷ୍ଠୀ ଗଠନ କରାଯାଇଛି; କହିଲେ ପ୍ରଧାନମନ୍ତ୍ରୀ ।

- ଦେଶରେ ପାଇପ୍ ମାଧ୍ୟମରେ ଗ୍ୟାସ୍ ଯୋଗାଣକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଜାରି ହେଲା ନୂତନ ନିର୍ଦ୍ଦେଶନାମା ।

- ଲୋକସଭାରେ ଆଜି ଅର୍ଥ ବିଲ୍-୨୦୨୬ ଆଲୋଚନାର ଉତ୍ତର ପ୍ରଦାନ କରିବେ ଅର୍ଥମନ୍ତ୍ରୀ ।

- ଏଚ୍.ଆଇ.ଭି. ଆହ୍ୱାନର ମୁକାବିଲା ନେଇ ହାଇଦ୍ରାବାଦରେ ଆରମ୍ଭ ହେଉଛି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ।

ଏବଂ

- ଛତିଶଗଡ଼ରେ ଆଜିଠାରୁ ଆରମ୍ଭ ହେଉଛି ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ।

## ପି.ଏମ୍. - ଆର.ଏସ୍. ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ପଶ୍ଚିମ ଏସିଆ ସଂଘର୍ଷ ଏବଂ ଏହାର ସମ୍ଭାବ୍ୟ ଦୀର୍ଘକାଳୀନ ପ୍ରଭାବର ମୁକାବିଲା ଲକ୍ଷ୍ୟ ନେଇ ୭ଟି ସଶକ୍ତ ଗୋଷ୍ଠୀ ଗଠନ କରାଯାଇଛି । ଆହ୍ୱାନର ମୁକାବିଲା ଲକ୍ଷ୍ୟ ନେଇ 'ଟିମ୍ ଇଣ୍ଡିଆ' ଦୃଷ୍ଟିକୋଣ ଆଧାରରେ କେନ୍ଦ୍ର ସହିତ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟଗୁଡ଼ିକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି । ସଂଘର୍ଷର ସମ୍ଭାବ୍ୟ ପରିସ୍ଥିତି ଉପରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଏହି ୭ଟି ଗୋଷ୍ଠୀ ଇନ୍ଧନ, ସାର, ଗ୍ୟାସ୍, ଯୋଗାଣ ଶୃଙ୍ଖଳ ଏବଂ ମୁଦ୍ରାସ୍ଫୀତି ଆଦି ବିଭିନ୍ନ କ୍ଷେତ୍ର ଉପରେ ବିକାଶ ଲକ୍ଷ୍ୟ ନେଇ କାର୍ଯ୍ୟ କରିବେ ।

***Voice (PM - eocomic)*** :........

ରାଜ୍ୟସଭାରେ ଗତକାଲି ବିବୃତ୍ତି ଦେଇ ଶ୍ରୀ ମୋଦି' ପଶ୍ଚିମ ଏସିଆ କ୍ଷେତ୍ରରେ ଶାନ୍ତି ଫେରାଇ ଆଣିବା ପାଇଁ ଆଲୋଚନା ଏବଂ କୂଟନୈତିକ ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରଧାନମନ୍ତ୍ରୀ' ଉତ୍ତେଜନା ହ୍ରାସ ଏବଂ ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ମତ ପୋଷଣ କରିଛନ୍ତି ।

ପଶ୍ଚିମ ଏସିଆରେ ସଂଘର୍ଷ ପରଠାରୁ ଉପସାଗରୀୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା ହୋଇଥିବା ଶ୍ରୀ ମୋଦୀ ଗୃହକୁ ସୂଚନା ଦେଇଛନ୍ତି । ଇରାନ, ଇସ୍ରାଏଲ୍ ଏବଂ ଆମେରିକା ସହ ମଧ୍ୟ ଏହି ପ୍ରସଙ୍ଗରେ ମତ ବିନିମୟ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି ।

ଯୁଦ୍ଧ ପରିସ୍ଥିତି ଭାରତପାଇଁ ଅଶୋଧିତ ତୈଳ, ଗ୍ୟାସ୍ ଏବଂ ସାର ସମେତ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଏକ ଆହ୍ୱାନ ସୃଷ୍ଟି କରିଛି । ତେବେ ଏହାକୁ ପ୍ରତିହତ କରିବା ପାଇଁ ଆତ୍ମନିର୍ଭରଶୀଳତା ଏକମାତ୍ର ବିକଳ୍ପ । ପରିସ୍ଥିତି ବାରମ୍ବାର ପରିବର୍ତ୍ତନ ହେଉଛି ବୋଲି ବର୍ଣ୍ଣନା କରି ଶ୍ରୀ ମୋଦି ଦେଶବାସୀଙ୍କୁ ସବୁ ପରିସ୍ଥିତିପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଛନ୍ତି । ବିଶ୍ୱସ୍ତରରେ ଯୁଦ୍ଧ ପରିସ୍ଥିତି ଗମ୍ଭୀର ଶକ୍ତିସଙ୍କଟ ସୃଷ୍ଟି କରିଛି । ରାଜ୍ୟ ସରକାରଙ୍କୁ କଳାବଜାରୀ ଏବଂ ବେଆଇନ ମହଜୁଦକାରୀଙ୍କ ବିରୋଧ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମୋଦି ପରାମର୍ଶ ଦେଇଛନ୍ତି । ଦେଶର ଏହି ଉଚ୍ଚସଦନରୁ ଶାନ୍ତି ଏବଂ ଆଲୋଚନାର ଏକ ମିଳିତ ସ୍ୱର ସମଗ୍ର ବିଶ୍ୱକୁ ଯିବା ଅତ୍ୟନ୍ତ ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ପି.ଏମ୍. - ଟ୍ରମ୍ପ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପ୍ଙ୍କ ସହ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଟେଲିଫୋନ୍ କଲ୍‌ରେ ପଶ୍ଚିମ ଏସିଆ ପରିସ୍ଥିତି ନେଇ ମତ ବିନିମୟ ହୋଇଛି । ଉତ୍ତେଜନା ହ୍ରାସ ଏବଂ ଶାନ୍ତି ପୁନଃସ୍ଥାପନକୁ ଭାରତ ସମର୍ଥନ କରୁଛି ବୋଲି ଶ୍ରୀ ମୋଦି କହିଛନ୍ତି । ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଏହି ଜଳପଥ ଦେଇ ସୁରକ୍ଷିତ ଏବଂ ବାଧାମୁକ୍ତ ଚଳାଚଳ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଶ୍ୱ ଶକ୍ତିକ୍ଷେତ୍ରପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶାନ୍ତି ଓ ସ୍ଥିରତା ପାଇଁ ପ୍ରୟାସ ସମ୍ପର୍କରେ ଆଲୋଚନା ଜାରି ରଖିବା ନେଇ ଉଭୟ ପକ୍ଷ ସହମତ ହୋଇଥିବା ଶ୍ରୀ ମୋଦି ମତ ଦେଇଛନ୍ତି ।

## ପି.ଏମ୍. - ଶ୍ରୀଲଙ୍କା ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରାଗ କୁମାରା ଦିଶାନାୟକେଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦି କହିଛନ୍ତି, ପଶ୍ଚିମ ଏସିଆ ପରିସ୍ଥିତି ନେଇ ଉଭୟଙ୍କ ମଧ୍ୟରେ ମତ ବିନିମୟ ହୋଇଛି । ବିଶ୍ୱ ଶକ୍ତି ସୁରକ୍ଷାକୁ ପ୍ରଭାବିତ କରୁଥିବା କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଶ୍ରୀ ମୋଦି କହିଛନ୍ତି । ଉଭୟ ଦେଶ ଶକ୍ତି ସହଯୋଗକୁ ସୁଦୃଢ଼ କରିବା ଏବଂ ଆଞ୍ଚଳିକ ସୁରକ୍ଷା ବୃଦ୍ଧି ନେଇ ରହିଥିବା

ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ସୃଷ୍ଟ ଆହ୍ୱାନର ମୁକାବିଲା ପାଇଁ ଉଭୟ ଦେଶ ମିଳିତ ଭାବେ ଉଦ୍ୟମ କରିବାକୁ ସହମତ ହୋଇଥିବା ଶ୍ରୀ ମୋଦି କହିଛନ୍ତି ।

## ସେଣ୍ଟର - ପାଇପ୍ ଲାଇନ୍

ଦେଶରେ ଶକ୍ତି ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ପାଇପ୍ ମାଧ୍ୟମରେ ଗ୍ୟାସ୍ ଯୋଗାଣକୁ ତ୍ୱରାନ୍ୱିତ କରିବାପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ପାଇପ୍ ଲାଇନ୍ ଭିତ୍ତିଭୂମିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ସରକାର ଏକ ନୂତନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ହର୍ମୁଜ ପ୍ରଣାଳୀ ଅବରୋଧ ଯୋଗୁଁ ଇନ୍ଧନ ଯୋଗାଣ ପ୍ରତିବନ୍ଧକ ପରିପ୍ରେକ୍ଷୀରେ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ପାଇପ୍ ଲାଇନ୍ ଭିତ୍ତିଭୂମି ପ୍ରସାରଣରେ ସୃଷ୍ଟ ଆହ୍ୱାନଗୁଡ଼ିକର ସମାଧାନ କରିବାପାଇଁ ଏହି ନିର୍ଦ୍ଦେଶନାମା ସହାୟକ ହେବ । ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଯୋଗାଣ ତ୍ୱରାନ୍ୱିତ ହୋଇପାରିଲେ ଏଲ୍.ପି.ଜି. ଉପରେ ନିର୍ଭରଶୀଳତା ହ୍ରାସ ପାଇବ । ଫଳରେ ଭିତ୍ତିଭୂମି ନ ଥିବା ଅଞ୍ଚଳଗୁଡ଼ିକରେ ଅତିରିକ୍ତ ଏଲ୍.ପି.ଜି. ଉପଲବ୍ଧ ହୋଇପାରିବ ବୋଲି ସରକାର କହିଛନ୍ତି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ

ପାଇପ୍ ଲାଇନ୍ ସଂଯୋଗ କାର୍ଯ୍ୟ ଶେଷ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥ ବିଲ୍-୨୦୨୬ ଆଲୋଚନାର ଉତ୍ତର ପ୍ରଦାନ କରିବେ । ଆସନ୍ତା ଆର୍ଥିକ ବର୍ଷପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ନେଇ ଏହି ବିଲ୍ ଗୃହରେ ଆଗତ କରାଯାଇଛି । ଗୃହରେ ଆଜି ଋଣ ପରିଶୋଧରେ ଅକ୍ଷମ ଏବଂ ଦେବାଳିଆ ଘୋଷିତ ସଂଶୋଧନ ବିଲ୍-୨୦୨୫ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ୨୦୧୬ ଆଇନରେ ସଂଶୋଧନ କରାଯାଇ ଏହି ବିଲ୍ ପ୍ରସ୍ତୁତ ହୋଇଛି । ଚୟନ କମିଟି ମଧ୍ୟ ଏହି ବିଲ୍ ଉପରେ ବିଚାର ବିମର୍ଶ କରି ନିଜର ମତ ଉପସ୍ଥାପନ କରିଛି ।

ରାଜ୍ୟସଭାରେ ଆଜି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ସାଧାରଣ ପ୍ରଶାସନ ବିଲ୍-୨୦୨୬ ଉପସ୍ଥାପନ କରିବେ । କେନ୍ଦ୍ରୀ ସଶସ୍ତ୍ର ପୁଲିସ ବାହିନୀରେ ଗ୍ରୁପ୍-ଏ’ ଜେନେରାଲ୍ ଡ୍ୟୁଟି ଅଧିକାରୀ ଏବଂ ଅନ୍ୟ ଅଧିକାରୀଙ୍କ ନିଯୁକ୍ତି ଓ ସେବା ସର୍ତ୍ତାବଳୀ ସମ୍ପର୍କିତ ପ୍ରସ୍ତାବ ଏଥିରେ ରହିଛି । ଏଥିସହିତ ତୃତୀୟ ଲିଙ୍ଗୀ ଅଧିକାର ସୁରକ୍ଷା ସଂଶୋଧନ ବିଲ୍-

୨୦୨୬ ଉପରେ ଗୃହରେ ଆଲୋଚନା ହୋଇ ପାରିତ ହେବାର କାର୍ଯ୍ୟସୂଚୀ ରହିଛି । ଏହି ବିଲ୍‌ଟି ଗତକାଲି ଲୋକସଭାରେ ପାରିତ ହୋଇସାରିଛି ।

## ନାକୋ - ସୁରକ୍ଷା ସଙ୍କଳ୍ପ କାର୍ଯ୍ୟଶାଳା

ଦେଶରେ ଏଚ୍.ଆଇ.ଭି. ଆହ୍ୱାନର ମୁକାବିଲା ପରିପ୍ରେକ୍ଷୀରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ହାଇଦ୍ରାବାଦଠାରେ ଆଜିଠାରୁ ଆରମ୍ଭ ହେବ । କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଏଡ୍‌ସ୍ ସଙ୍ଗଠନ - ନାକୋ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେଉଛି । ଏଚ୍.ଆଇ.ଭି.କୁ ପ୍ରତିହତ କରିବା ପାଇଁ ସମ୍ମିଳିତ ଉଦ୍ୟମ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଆଜିଠାରୁ ଆରମ୍ଭ ହେଉଥିବା 'ସୁରକ୍ଷା ସଂକଳ୍ପ କର୍ମଶାଳା' ଶୀର୍ଷକ ଏହି ଅଭିଯାନରେ ନାକୋର ଅତିରିକ୍ତ ସଚିବ ତଥା ମହାନିର୍ଦ୍ଦେଶକ ଡକ୍ଟର ରାକେଶ ଗୁପ୍ତା ଅଧ୍ୟକ୍ଷତା କରିବେ । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ରୁଷ୍-ୟୁକ୍ରେନ୍ ୱାର୍

ୟୁକ୍ରେନ୍ ଉପରେ ରୁଷ୍ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବବୃହତ୍ ଆକାଶମାର୍ଗ ଆକ୍ରମଣ କରିଛି । ୯୪୮ଟି ଡ୍ରୋନ୍ ମାଧ୍ୟମରେ ୟୁକ୍ରେନ୍‌ର ବିଭିନ୍ନ ଅଞ୍ଚଳ ଉପରେ ଏହି ଆକ୍ରମଣ କରାଯାଇଛି । ଫଳରେ ଅତିକମ୍‌ରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଲ୍ୱିଭ୍ ସହରରେ ୨୨ ଜଣ ଆହତ ହୋଇଥିବାବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ସେଠାକାର ମେୟର ସୂଚନା ଦେଇଛନ୍ତି । ୟୁକ୍ରେନ୍‌ର ଇଭାନୋ ଫ୍ରାଙ୍କିଭସ୍କ, ଭିନିସ୍ତିଆ ଏବଂ ଟେର୍ନୋପିଲ୍ ସହରକୁ ଲକ୍ଷ୍ୟ ରଖି ଆକାଶମାର୍ଗରୁ ଆକ୍ରମଣ ହୋଇଛି । ୟୁକ୍ରେନ୍‌ର ସହରଗୁଡ଼ିକ ଉପରେ ରୁଷ୍ ପକ୍ଷରୁ କ୍ରମାଗତ ଆକ୍ରମଣ ଜାରି ରହିଛି । ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ମଧ୍ୟସ୍ଥତାରେ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଯୁଦ୍ଧବିରତି ଆଲୋଚନା ସ୍ଥଗିତ ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

'ଆକାଶବାଣୀରେ ଲୋକଙ୍କ ପଦ୍ମ' ଶୀର୍ଷକ ଧାରାବାହିକରେ ଆଜି କୃଷି ବୈଜ୍ଞାନିକ ଡକ୍ଟର ଅଶୋକ କୁମାର ସିଂହଙ୍କ ସହ ସାକ୍ଷାତ୍ ଆଲୋଚନା

ପ୍ରସାରଣ କରାଯିବ । ବିଜ୍ଞାନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଅବଦାନପାଇଁ ଶ୍ରୀ ସିଂଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ । କାର୍ଯ୍ୟକ୍ରମଟି ସକାଳ ୯ଟା ୧୦ ମିନିଟ୍‌ରେ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଶ୍ରୋତାମାନେ News on AIR App ଏବଂ News on AIR official YouTubeରେ ଏହି କାର୍ଯ୍ୟକ୍ରମକୁ ଶୁଣିପାରିବେ ।

## ଖେଲୋ ଇଣ୍ଡିଆ

ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଆଜିଠାରୁ ଛତିଶଗଡ଼ରେ ଆରମ୍ଭ ହେଉଛି ।  କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ଆଜି ରାୟପୁରଠାରେ ପ୍ରତିଯୋଗିତାର ଉଦ୍‌ଘାଟନ କରିବେ । ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୭ଟି ବର୍ଗରେ କ୍ରୀଡ଼ା ଅନୁଷ୍ଠିତ ହେବ । ସେଥିମଧ୍ୟରେ ଦୌଡ଼କୁଦ, ହକି, ଫୁଟ୍‌ବଲ୍, ତୀରଚାଳନା, କୁସ୍ତି, ଭାରୋତ୍ତଳନ ଏବଂ ସନ୍ତରଣ ରହିଛି । ମାଲ୍‌ଖମ୍ବ ଏବଂ କବାଡ଼ିକୁ ମଧ୍ୟ ପ୍ରଦର୍ଶନୀ କ୍ରୀଡ଼ା ଭାବେ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଛତିଶଗଡ଼ର ରାୟପୁର, ଜଗଦଳପୁର ଏବଂ ଅମ୍ବିକାପୁରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦେଶର ସମସ୍ତ ରାଜ୍ୟ

ଓ କେନ୍ଦ୍ରଶାସିତ ଅଞ୍ଚଳର ୩ ହଜାରରୁ ଅଧିକ ଜନଜାତି ପ୍ରତିଯୋଗୀ ଏବଂ ଅଧିକାରୀ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

*****